# ॥ ଶ୍ରୀମଦ୍ଭଗବଦ୍ଗୀତା ଶୁଦ୍ଧ ଉଚ୍ଚାରଣ ମାର୍ଗଦର୍ଶିକା - ସ୍ତର ୩ ॥

## ବିଶିଷ୍ଟ ସ୍ୱର ଏବଂ ଏହାର ମାତ୍ରା ସମୂହ -

- ସଂସ୍କୃତରେ 'ଋ' ଏପରି ଏକ ସ୍ୱର ଅଟେ ଯାହା ଉଚ୍ଚାରଣ ସମୟରେ ବ୍ୟଞ୍ଜନ ପରି ପ୍ରତୀତ ହୁଏ କିନ୍ତୁ ବାସ୍ତବରେ ବ୍ୟଞ୍ଜନ ହୋଇନଥାଏ। ଏହାର ମାତ୍ରା ଗୁଡିକ ୃ କିମ୍ବା ୄ ଅଟେ। ଏଥିରେ ପ୍ରଥମ ଟି ହ୍ରସ୍ୱ ଏବଂ ଦ୍ୱିତୀୟଟି ଦୀର୍ଘ ସ୍ୱର ଅଟେ।

## ବର୍ଣ୍ଣସଂଯୋଗ ସମୟରେ ରେଫ୍ ର ସ୍ଥାନ ଅନୁସାରେ ମାତ୍ରା ସମୂହ -

- ଯେକୌଣସି ବର୍ଣ୍ଣ ସହିତ 'ର' ବର୍ଣ୍ଣ ର ଦୁଇ ପ୍ରକାରର ସଂଯୋଗ ହୋଇଥାଏ। ସଂଯୋଗ ସମୟରେ ଯଦି ଏହା ପ୍ରଥମ ସ୍ଥାନରେ ଥାଏ ତେବେ ଏହା ଅକ୍ଷର ଉପରେ ର୍ ଏହି ପ୍ରକାରରେ ଲେଖାଯାଏ ଯେପରିକି – କର୍ମ। ଏବଂ ଯଦି ଦ୍ୱିତାୟ ସ୍ଥାନରେ ଥାଏ ତେବେ ଅକ୍ଷର ତଳେ एवं यदि ୍ର ଏହିପରି ଲେଖାଯାଏ ଯେପରିକି - କ୍ରମ।

## ସଂଯୁକ୍ତ ବର୍ଣ୍ଣଗୁଡିକର ଲେଖିବା ଏବଂ ପଢିବା ରୀତି -

ସଂଯୁକ୍ତ ବର୍ଣ୍ଣଗୁଡିକୁ ଦେବନାଗରୀରେ ରେ ଦୁଇ ପ୍ରକାରରେ ଲେଖା ଯାଏ।

- ପ୍ରଥମ ପଦ୍ଧତି ରେ 'ପ୍ରଥମଟି ଉପରେ ଦ୍ୱିତୀୟ' ଏହିପରି ଭାବେ ପ୍ରଥମ ବ୍ୟଞ୍ଜନ କୁ ସବୁଠୁ ଉପରେ ଏବଂ କ୍ରମଶଃ ତଳକୁ ତଳ ବ୍ୟଞ୍ଜନ କୁ ଯୋଡାଯାଏ। ଉଦାହରଣ - उद्भव (ଉଦ୍ଭବ)
- ଦ୍ୱିତୀୟ ପଦ୍ଧତି ରେ ବ୍ୟଞ୍ଜନଗୁଡିକୁ କ୍ରମ ଅନୁସାରେ ଯେପରି ଥାଏ ସେପରି ଲେଖାଯାଏ। ଏହି ଦୁଇଟିଯାକ ପଦ୍ଧତି ରେ ଯେଉଁ ଟି ପ୍ରଥମ ବର୍ଣ୍ଣ ହୋଇଥାଏ ତାହାର ପ୍ରଥମ ତଥା କ୍ରମଶଃ ଶେଷ ବର୍ଣ୍ଣ ର ଉଚ୍ଚାରଣ କରାଯାଇଥାଏ। ଉଦାହରଣ - (ଉଦ୍ଭବ)



ଗୀତା ପରିବାର ସାହିତ୍ୟ କୁ ଅନ୍ୟ କୌଣସି ସ୍ଥାନରେ ବ୍ୟବହାର ପାଇଁ ପୂର୍ବ ଅନୁମତି ଆବଶ୍ୟକ ଅଟେ ।

# ସନ୍ଧି-ନିୟମ

ଦୁଇଟି ବର୍ଣ୍ଣ ଏକତ୍ର ଆସିବା ଦ୍ୱାରା ସନ୍ଧି ହୋଇଥାଏ। ଏକତ୍ର ଆସୁଥିବା ବର୍ଣ୍ଣ ସ୍ୱର ଥିଲେ ସେହି ସନ୍ଧିକୁ ସ୍ୱରସନ୍ଧି, ବ୍ୟଞ୍ଜନ ଥିଲେ ବ୍ୟଞ୍ଜନ ସନ୍ଧି, ଅନୁସ୍ୱାର ଥିଲେ ଅନୁସ୍ୱାର ସନ୍ଧି କିମ୍ବା ବିସର୍ଗ ଥିଲେ ବିସର୍ଗ ସନ୍ଧି ହୋଇଥାଏ। ସନ୍ଧି ହେବା ଦ୍ୱାରା ଏକତ୍ର ଆସୁଥିବା ବରଣ୍ଣଗୁଡିକ ମଧ୍ୟରୁ କୌଣସି ଗୋଟିଏ କିମ୍ବା ବେଳେବେଳେ ଦୁଇଟି ବର୍ଣ୍ଣର ପରିବର୍ତ୍ତନ ହୋଇଯାଏ। ଏହି ପରିବର୍ତ୍ତନ କଣ ଏବଂ କିପରି ହୋଇଥାଏ ସ୍ୱର ସନ୍ଧି ନିୟମର ବିସ୍ତୃତ ଆଲୋଚନାରେ ଜାଣିବା।

## ସ୍ୱର ଅଥବା ଅଚ୍ ସନ୍ଧି –

ସ୍ୱର ସନ୍ଧି ଦୁଇଟି ସ୍ୱର ର ମଝିରେ ହୋଇଥାଏ। ଏଥିରେ ସ୍ୱରର ପରିବର୍ତ୍ତନ ହେଉଥିବାରୁ ଏହାକୁ ସ୍ୱର-ସନ୍ଧି କୁହାଯାଏ। ଏଗୁଡିକର  କେତେକ ପ୍ରକାର  ଅଛି –

### ୧. ଦୀର୍ଘ ସନ୍ଧି - ଅକଃ ସବର୍ଣେ ଦୀର୍ଘଃ

ଦୁଇଟି ସଜାତୀୟ ସ୍ୱର ଏକତ୍ର ଆସିଲେ ସେହି ଦୁଇଟିଯାକ ସ୍ଥାନରେ ସେଗୁଡିକର ସଜାତୀୟ  ଦୀର୍ଘସ୍ୱର  ଆସିଯାଏ।

| ଏକତ୍ର ଆସୁଥିବା ଦୁଇଟି ସ୍ୱର | | ଦୁଇଟିଯାକ ସ୍ଥାନରେ ହେବାକୁଥିବା ଦୀର୍ଘାଦେଶ | ଉଦାହରଣ |
|---|---|---|---|
| ଅ/ଆ | ଅ/ଆ | ଆ | ଭୟ୍+ଅ+ଅଭୟେ= ଭୟାଭୟେ (୧୮/୩୦) |
| ଇ/ଈ | ଇ/ଈ | ଈ | ଭ୍ରମତ୍+ଇ+ଇବ = ଭ୍ରମତୀବ (୧/୩୦) |
| ଉ/ଊ | ଉ/ଊ | ଊ | ତେଷ୍+ଉ+ଉପଜାୟତେ = ତେଷୂପଜାୟତେ (୨/୬୨) |
| ଋ | ଋ | ୠ | ପିତ୍+ଋ+ଋଣମ୍ = ପିତୄଣମ୍<br>ଗୀତାରେ ଏହି ସନ୍ଧି ର ଉପଯୋଗ ହୋଇନାହିଁ। |

### ୨. ଗୁଣ ସନ୍ଧି – ଆଦ୍ ଗୁଣଃ

ସନ୍ଧି ହେବାକୁ ଥିବା ବର୍ଣ୍ଣଗୁଡିକ ମଧ୍ୟରୁ ଯଦି ପ୍ରଥମ ବର୍ଣ୍ଣ 'ଅ' କିମ୍ବା 'ଆ'  ହୁଏ ଏବଂ ଦ୍ୱିତୀୟ ବର୍ଣ୍ଣ  'ଇ', 'ଉ', 'ଋ' କିମ୍ବା 'ଌ' ମଧ୍ୟରୁ କୌଣସି ଗୋଟିଏ ବି ହୋଇଥାଏ ତେବେ ଦୁଇଟିଯାକ ସ୍ଥାନରେ କ୍ରମଶଃ  'ଏ', 'ଓ', 'ଅର୍' ଏବଂ 'ଅଲ୍' ହୋଇଥାଏ।।

| ଏକତ୍ର ଆସୁଥିବା ଦୁଇଟି ସ୍ୱର | | ଦୁଇଟିଯାକ ସ୍ଥାନରେ ହେବାକୁଥିବା ଗୁଣାଦେଶ | ଉଦାହରଣ |
|---|---|---|---|
| ଅ/ଆ | ଇ/ଈ | ଏ | ବିଗତ୍+ଅ+ଇଚ୍ଛା = ବିଗତେଚ୍ଛା (୫/୨୮) |
| | ଉ/ଊ | ଓ | ପୁର୍+ଆ+ଉବାଚ = ପୁରୋବାଚ (୩/୧୦) |
| | ଋ | ଅର୍ | ମହ୍+ଆ+ଋଷୀଣାମ୍ = ମହର୍ଷୀଣାମ୍ (୧୦/୨) |
| | ଌ | ଅଲ୍ | ତବ୍+ଅ+ଌକାରଃ = ତବଲ୍କାରଃ<br>ଗୀତାରେ  ଏହି ସନ୍ଧିର ପ୍ରୟୋଗ ହୋଇନାହିଁ। |


ଗୀତା ପରିବାର ସାହିତ୍ୟ କୁ ଅନ୍ୟ କୌଣସି ସ୍ଥାନରେ ବ୍ୟବହାର ପାଇଁ ପୂର୍ବ ଅନୁମତି ଆବଶ୍ୟକ ଅଟେ ।

## ୩. ଯଣ୍ ସନ୍ଧି – ଇକୋ ଯଣଚି

ସନ୍ଧି ହେବାକୁ ଥିବା ବର୍ଣ୍ଣଗୁଡିକ ମଧରେ ଯଦି ପ୍ରଥମ ବର୍ଣ୍ଣ 'ଇ', 'ଉ', 'ଋ' କିମ୍ବା 'ଌ' ହ୍ରସ୍ୱ କିମ୍ବା ଦୀର୍ଘ ଏବଂ ଦ୍ୱିତୀୟ ବର୍ଣ୍ଣ କୌଣସି ବିଜାତୀୟ ସ୍ୱର ହୋଇଥାଏ ତେବେ ପ୍ରଥମ ସ୍ୱର ସ୍ଥାନରେ କ୍ରମଶଃ 'ଯ୍', 'ୱ୍', 'ର୍' ଏବଂ 'ଲ୍' ଏହି ବ୍ୟଞ୍ଜନ ଆଦେଶ ହୋଇ ଦ୍ୱିତୀୟ ସ୍ୱର ସହିତ ମିଶିଯାଏ।

| ଏକତ୍ର ଆସୁଥିବା ବର୍ଣ୍ଣ ମଧରେ ପ୍ରଥମ ବର୍ଣ୍ଣ | ଏକତ୍ର ଆସୁଥିବା ବର୍ଣ୍ଣ ମଧରେ ଦ୍ୱିତୀୟ ବର୍ଣ୍ଣ | ଏକତ୍ର ଆସି ପ୍ରଥମ ସ୍ଥାନରେ ହେଇଥିବା ଯଣାଦେଶ | ଉଦାହରଣ |
|---|---|---|---|
| ଇ/ଈ | ଅନ୍ୟ ଯେକୌଣସି ସ୍ୱର | ଯ୍ | କର୍ମଣ୍+ଇ+ଏୱ = କର୍ମଣ୍ୟେୱ (୨/୪୭) |
| ଉ/ଊ | | ୱ୍ | ତ୍+ଉ+ଏୱାହମ୍ = ତ୍ୱେୱାହମ୍ (୨/୧୨) |
| ଋ | | ର୍ | ଜାଗ୍+ଋ+ଅତି = ଜାଗ୍ରତି (୨/୬୯) |
| ଌ | | ଲ୍ | ଌ+ଆକୃତିଃ = ଲାକୃତିଃ<br>ଗୀତାରେ ଏହି ସନ୍ଧିର ପ୍ରୟୋଗ ହୋଇନାହିଁ। |

## ୪. ବୃଦ୍ଧି ସନ୍ଧି – ବୃଦ୍ଧିରାଦୈଚ୍

ସନ୍ଧି ହେବାକୁଥିବା ବର୍ଣ୍ଣଗୁଡିକ ମଧରୁ ଯଦି ପ୍ରଥମ ବର୍ଣ୍ଣ 'ଅ' କିମ୍ବା 'ଆ' ହୁଏ ଏବଂ ଦ୍ୱିତୀୟ ବର୍ଣ୍ଣ 'ଏ' ବା 'ଐ' କିମ୍ବା 'ଓ' ବା 'ଔ' ହୁଏ ତେବେ ଦୁଇଟିଯାକ ସ୍ଥାନରେ କ୍ରମଶଃ 'ଐ' ଏବଂ 'ଔ' ହୋଇଯାଏ।

| ଏକତ୍ର ଆସୁଥିବା ବର୍ଣ୍ଣ ମଧରେ ପ୍ରଥମ ବର୍ଣ୍ଣ | ଏକତ୍ର ଆସୁଥିବା ବର୍ଣ୍ଣ ମଧରେ ଦ୍ୱିତୀୟ ବର୍ଣ୍ଣ | ଦୁଇଟିଯାକ ବର୍ଣ୍ଣ ସ୍ଥାନରେ ହେବାକୁଥିବା ବୃଦ୍ଧି-ଆଦେଶ | ଉଦାହରଣ |
|---|---|---|---|
| ଅ/ଆ | ଏ/ଐ | ଐ | ସହସ୍+ଆ+ଏବ = ସହସୈବ(୧/୧୩) |
| | ଓ/ଔ | ଔ | ଉଉମ୍+ଅ+ଓଜାଃ = ଉଉମୌଜଜାଃ (୧/୧୩) |

## ୫. ଅୟାଦି ସନ୍ଧି - ଏଚୋଽୟବାୟାବଃ

ସନ୍ଧି ହେବାକୁଥିବା ବର୍ଣ୍ଣଗୁଡିକ ମଧରୁ ଯଦି ପ୍ରଥମ ବର୍ଣ୍ଣ 'ଏ', 'ଐ', 'ଓ' କିମ୍ବା 'ଔ' ହୁଏ ଏବଂ ଦ୍ୱିତୀୟ ବର୍ଣ୍ଣ 'ଯେକୌଣସି ସ୍ୱର' ହୁଏ ତେବେ ପ୍ରଥମ ବର୍ଣ୍ଣ ସ୍ଥାନରେ କ୍ରମଶଃ 'ଅୟ୍', 'ଆୟ୍', 'ଅୱ୍' ଏବଂ 'ଆୱ୍' ଆଦେଶ ହୋଇ ଦ୍ୱିତୀୟ ସ୍ୱର ସହିତ ମିଶିଯାଏ।

| ଏକତ୍ର ଆସୁଥିବା ବର୍ଣ୍ଣ ମଧରେ ପ୍ରଥମ ବର୍ଣ୍ଣ | ଏକତ୍ର ଆସୁଥିବା ବର୍ଣ୍ଣ ମଧରେ ଦ୍ୱିତୀୟ ବର୍ଣ୍ଣ | ପ୍ରଥମ ବର୍ଣ୍ଣ ସ୍ଥାନରେ ହେବାକୁଥିବା ଅୟାଦି-ଆଦେଶ | ଉଦାହରଣ |
|---|---|---|---|
| ଏ | ଯେକୌଣସି ସ୍ୱର | ଅୟ୍ | ରାଜର୍ଷ୍+ଏ+ଅଃ = ରାଜର୍ଷୟଃ (୪/୨) |
| ଐ | | ଆୟ୍ | ନ୍+ଐ+ଅକାଃ = ନାୟକକାଃ (୧/୭) |
| ଓ | | ଅୱ୍ | ମନ୍+ଓ+ଏ = ମନୱେ (୪/୧) |
| ଔ | | ଆୱ୍ | ଦ୍ୱ୍+ଔ+ ଇମୌ =ଦ୍ୱାବିମୌ (୧୫/୧୬) |


ଗୀତା ପରିବାର ସାହିତ୍ୟ କୁ ଅନ୍ୟ କୌଣସି ସ୍ଥାନରେ ବ୍ୟବହାର ପାଇଁ ପୂର୍ବ ଅନୁମତି ଆବଶ୍ୟକ ଅଟେ ।

## ୭. ପୂର୍ବରୂପ ସନ୍ଧି - ଏଙଃ ପଦାନ୍ତାଦତି

ସନ୍ଧି ହେବାକୁଥିବା ବର୍ଣ୍ଣଗୁଡିକ ମଧ୍ୟରୁ ଯଦି ପ୍ରଥମ ବର୍ଣ୍ଣ 'ଏ' କିମ୍ବା 'ଓ' ଅଛି ଏବଂ ଦ୍ୱିତୀୟ ବର୍ଣ୍ଣ 'ଅ' ଅଛି ତେବେ ଦୁଇଟିଯାକ ସ୍ଥାନରେ କ୍ରମଶଃ 'ଏ' ଏବଂ 'ଓ' ହୋଇଯିବ। ଲୁପ୍ତ ହୋଇଥିବା 'ଅ' ର ସୂଚନା ପାଇଁ ऽ (ଅବଗ୍ରହ) ଚିହ୍ନ ଲାଗିଯାଏ।

| ଏକତ୍ର ଆସୁଥିବା ବର୍ଣ୍ଣ ମଧ୍ୟରେ ପ୍ରଥମ ବର୍ଣ୍ଣ | ଏକତ୍ର ଆସୁଥିବା ବର୍ଣ୍ଣ ମଧ୍ୟରେ ଦ୍ୱିତୀୟ ବର୍ଣ୍ଣ | ଦୁଇଟିଯାକ ବର୍ଣ୍ଣ ସ୍ଥାନରେ ହେବାକୁଥିବା ପୂର୍ବରୂପ-ଆଦେଶ | ଉଦାହରଣ |
|---|---|---|---|
| ଏ | ଅ | ଏऽ | ତ୍+ଏ+ଅଭିହିତା = ତେऽଭିହିତା (୨/୩୯) |
| ଓ | ଅ | ଓऽ | ଦୃଷ୍ଟ୍+ଓ+ଅନ୍ତଃ = ଦୃଷ୍ଟୋଦୃଷ୍ଟୋऽନ୍ତ (୨/୧୬) |

# ସାମାନ୍ୟ ଶବ୍ଦାବଳୀ

- ## ବର୍ଣ୍ଣମାଳା –

**ସ୍ୱର** - ଅ, ଆ, ଇ, ଈ, ଉ, ଊ, ଋ, ଏ, ଐ, ଓ, ଔ

**ବ୍ୟଞ୍ଜନ -**

- କଣ୍ଠ୍ୟ - କ୍ ଖ୍ ଗ୍ ଘ ଙ୍
- ତାଲବ୍ୟ - ଚ୍ ଛ ଜ୍ ଝ ଞ୍
- ମୂର୍ଦ୍ଧନ୍ୟ - ଟ୍ ଠ୍ ଡ୍ ଢ୍ ଣ୍
- ଦନ୍ତ୍ୟ - ତ୍ ଥ୍ ଦ୍ ଧ୍ ନ୍
- ଓଷ୍ଠ୍ୟ - ପ୍ ଫ୍ ବ୍ ଭ୍ ମ୍

- **ଅନ୍ତଃସ୍ଥ** - ଏଗୁଡିକର ଉଚ୍ଚାରଣରେ ବାୟୁ ମୁଖରୁ ବାହାରକୁ ବାହାରି ନପାରି, ଭିତରେ ହିଁ ରହିଥାଏ। ଏଣୁ ଏଗୁଡିକୁ ଅନ୍ତଃସ୍ଥ ବର୍ଣ୍ଣ କୁହାଯାଏ। ୟ୍, ୱ୍, ର୍, ଲ୍ ଏଗୁଡିକ ଅନ୍ତଃସ୍ଥ ବର୍ଣ୍ଣ ଅଟନ୍ତି।

- **ଉଷ୍ମ** - ଏଗୁଡିକର ଉଚ୍ଚାରଣ ରେ ମୁଖରୁ ଉଷ୍ମତା ବାହାରିଥାଏ, ତେଣୁ ଏଗୁଡିକୁ ଉଷ୍ମ ବର୍ଣ୍ଣ କୁହାଯାଏ। ଶ୍, ଷ୍, ସ୍, ହ୍ ଏଗୁଡିକ ଉଷ୍ମ ବର୍ଣ୍ଣ ଅଟନ୍ତି।

- **ମୃଦୁ ବ୍ୟଞ୍ଜନ**– ପାଞ୍ଚଟି ବ୍ୟଞ୍ଜନ ବର୍ଗର ତୃତୀୟ, ଚତୁର୍ଥ, ପାଞ୍ଚମ (ଗ୍, ଘ୍, ଙ୍, ଜ୍, ଝ୍, ଞ୍, ଡ୍, ଢ୍, ଣ୍, ଦ୍, ଧ୍, ନ୍, ବ୍ ଭ୍, ମ୍) ବର୍ଣ୍ଣ, ଅନ୍ତଃସ୍ଥ (ୟ୍, ՚ର୍, ଳ୍, ଲ୍, ՚ୱ୍) ବର୍ଣ୍ଣ ଏବଂ ହ୍ ବର୍ଣ୍ଣ ଏଗୁଡିକୁ ବ୍ୟଞ୍ଜନ କୁହାଯାଏ।

- **କଠୋର ବ୍ୟଞ୍ଜନ** – ପାଞ୍ଚଟି ବ୍ୟଞ୍ଜନ ବର୍ଗର ପ୍ରଥମ, ଦ୍ୱିତୀୟ ବର୍ଣ୍ଣ (କ୍, ଖ୍, ଚ୍, ଛ୍, ଟ, ଠ୍, ତ୍, ଥ୍, ପ୍, ଫ୍) ଏବଂ ଶ୍, ଷ୍, ସ୍ ଏଗୁଡିକୁ କଠୋର ବ୍ୟଞ୍ଜନ କୁହାଯାଏ।

- **ଅଲ୍ୟପ୍ରାଣ ବ୍ୟଞ୍ଜନ**- ଅଲ୍ୟପ୍ରାଣ ବ୍ୟଞ୍ଜନ ଏପରି ବ୍ୟଞ୍ଜନ ଅଟେ ଯାହାକୁ କହିବା ସମୟରେ କମ୍ ସମୟ ନେଇଥାଏ ଏବଂ ମୁଖରୁ କମ୍ ବାୟୁ ବାହାରିଥାଏ। କ, ଗ, ଙ, ଚ, ଜ, ଞ, ଟ, ଡ, ଣ, ଡ଼, ତ, ଦ, ନ, ପ, ବ, ମ, ୟ, ର, ୱ

- **ମହାପ୍ରାଣ ବ୍ୟଞ୍ଜନ** - ଏହା ଏପରି ବ୍ୟଞ୍ଜନ ଯାହାକୁ କହିବା ସମୟରେ ଅଧିକ ପ୍ରଯତ୍ନ କରିବାକୁ ପଡିଥାଏ ଏବଂ କହିବା ସମୟରେ ମୁଖରୁ ଅଧିକ ବାୟୁ ବାହାରିଥାଏ। ଏଗୁଡିକୁ ମହାପ୍ରାଣ ବ୍ୟଞ୍ଜନ କୁହାଯାଏ। ଖ, ଘ, ଛ, ଝ, ଠ, ଢ, ଥ, ଧ, ଫ, ଭ, ଢ଼, ଶ, ଷ, ସ ହ

- **ଜିହ୍ୱାମୂଳୀୟ** - ' କ ' ଏବଂ ' ଖ ' ର ଆରମ୍ଭରେ ବିଦ୍ୟମାନ ଅର୍ଥ – ବିସର୍ଗ ଜିହ୍ୱାମୂଳୀସ (ଖ*) କୁହାଯାଏ। ଯାହାର ଉଚ୍ଚାରଣ ଖ ପରି କରାଯାଏ।

- **ଉପଧ୍ମାନୀୟ** - ' ପ ' ଏବଂ ' ଫ ' ର ଆରମ୍ଭରେ ବିଦ୍ୟମାନ ଅର୍ଥ – ବିସର୍ଗ ଉପଧ୍ମାନୀୟ (ଫ*) କୁହାଯାଏ।

|| ଇତି ||


ଗୀତା ପରିବାର ସାହିତ୍ୟ କୁ ଅନ୍ୟ କୌଣସି ସ୍ଥାନରେ ବ୍ୟବହାର ପାଇଁ ପୂର୍ବ ଅନୁମତି ଆବଶ୍ୟକ ଅଟେ ।